ସକାଳ THE SAKALA



www.sakalaepaper.com

# ଥାନା ବୁଲିଲେ ସ୍କୁଲ ଛାତ୍ରଛାତ୍ରୀ



ବ୍ରହ୍ମପୁର,୫।୮ (ସମିସ): ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଥିବା ବିଭିନ୍ନ ଥାନା ପରିଦର୍ଶନ କରିଛନ୍ତି ସ୍କୁଲ ଛାତ୍ରଛାତ୍ରୀ। ଆଜି ସମ୍ପୃକ୍ତ ଥାନା ଇଲାକାର ଛାତ୍ରଛାତ୍ରୀମାନେ ଜରଡା ଥାନା, ଗୋଷାଣୀନୂଆଗାଁ, ଟାଉନ ଥାନା ଓ ଗୋପାଳପୁର ଥାନା ପରିଦର୍ଶନ କରିବା ସହ ଆଇନ ଓ ପୁଲିସ ବ୍ୟବସ୍ଥା ବିଷୟରେ ଜ୍ଞାନ ଆହରଣ କରିଥିଲେ। ପୁଲିସ ପକ୍ଷରୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଥାନା ପରିଦର୍ଶନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ସେହିକ୍ରମରେ ଛାତ୍ରଛାତ୍ରୀମାନେ ଥାନାରେ ପହଞ୍ଚି ଥାନା ପରିସର ପରିଦର୍ଶନ କରିବା ସହ ପୁଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜରଡା ଥାନା ଅଧିକାରୀ ଟୁନା ସାସମଲ, ଗୋଷାଣୀନୂଆଗାଁ ଥାନା ଅଧିକାରୀ ତଥା ଡିଏସପି ସ୍ମୃତିପ୍ରଭା ପ୍ରଧାନ, ଟାଉନ ଥାନା ଅଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ଏବଂ ଗୋପାଳପୁର ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ ନିଜ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପୁଲିସର କାର୍ଯ୍ୟପନ୍ଥା, ନୂତନ ଫୌଜଦାରୀ ଆଇନ ବିଷୟରେ ଅବଗତ କରାଇଥିଲେ। ଛାତ୍ରଛାତ୍ରୀମାନେ ପୁଲିସ ଅଧିକାରୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନିଜ ମନରେ ଥିବା ପ୍ରଶ୍ନ ପଚାରିଥିଲେ। ପୁଲିସ ପକ୍ଷରୁ ସେମାନଙ୍କ ସନ୍ଦେହ ଦୂର କରାଯାଇଥିଲା।

## ସତହେଲା 'ସକାଳ'ର ଅନୁମାନ

# ଲୋଭ ଦେଖାଇ ଠକିନେଲେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା

ପୋଲସରା,୫।୮ (ସମିସ)

'ସକାଳ'ର ଅନୁମାନ ସତ ହେଲା। ଯାହା ଆଶଙ୍କା କରାଯାଉଥିଲା ଶେଷରେ ତାହାହିଁ ହେଲା। ପ୍ରଥମେ ଲୋକଙ୍କ ମନ ଜିଣିଲେ, ଅଫର ଦେଲେ, ଠିକ ସମୟରେ ଜିନିଷ ଡେଲିଭେରି ଦେଲେ। ତା'ପରେ ଗ୍ରାହକଙ୍କୁ ଅଧିକ ଲୋଭ ଦେଖାଇ ସବୁ ଲାଭ ଖାଇ ଚାଲିଗଲେ। ଅତିକମ୍‌ରେ କୋଟିଏ ଟଙ୍କା ନେଇ ଚମ୍ପଟ ମାରିଥିବା ଅନୁମାନ କରାଯାଉଛି।

ପୋଲସରା ଏନ୍‌ଏସି ଅନ୍ତର୍ଗତ ପାଟଣାପଦର ଛକରେ ତାମିଲନାଡୁ ପୁଦିକଟା ଜିଲ୍ଲାରୁ କିଛି ଯୁବକ ରୋଜା ଟ୍ରେଡ଼ର୍ସ ଆଣ୍ଡ ସପ୍ଲାଇୟର୍ସ ନାଁରେ ଏକ ସଂସ୍ଥା ଖୋଲି ନାମୀଦାମୀ ଜିନିଷ ସବୁ ଶସ୍ତାରେ ବିକ୍ରି କରୁଥିଲେ। ଗତ ଜୁଲାଇ ମାସରେ ଖୋଲିଥିବା ଏହି ସଂସ୍ଥାର ଜିନିଷ ଓ ଏହାର ଦରଦାମ ଆକର୍ଷଣୀୟ ଥିଲା। ଫଳରେ



ଦୈନିକ ଲକ୍ଷ ଲକ୍ଷ ଟଙ୍କାର କାରବାର ହେଉଥିଲା। ଆଗୁଆ ବୁକିଂ କରିବାକୁ

- ମନରେ ଅସନ୍ତୋଷ, କିନ୍ତୁ ମୁହଁ ଖୋଲି ପାରୁନାହାନ୍ତି
- ଅଫର୍‌ରେ ଫସିଗଲେ ଗ୍ରାହକ

ପଡୁଥିଲା। କାହିଁକି ନା ସବୁଜିନିଷ ଉପରେ ପାଖାପାଖି ୫୦ ପ୍ରତିଶତ ପର୍ଯ୍ୟନ୍ତ ରିଆତି ଥିଲା। ସେଥିପାଇଁ ପ୍ରଥମେ ଗ୍ରାହକଙ୍କୁ ପଇସା ଦେଇ ଜିନିଷ ପାଇଁ ୧୫ ଦିନ ଅପେକ୍ଷା କରିବାକୁ ପଡିଥାଏ। ଆକର୍ଷଣୀୟ ଅଫର୍ କଥା ଜିଲ୍ଲା ସାରା ବ୍ୟାପିଗଲା। ଆଖ ପାଖ ଅଞ୍ଚଳରୁ ଲୋକଙ୍କ ସୁଅ ଛୁଟିଲା। କିଏ ଟିଭି, ଫ୍ରିଜ, ୱାସିଂମେସିନ ପାଇଁ ତ ଆଉ କିଏ ଖଟ, ସୋଫା, ଗଦି ପାଇଁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରୀମ ଦେଇ ରସିଦ ନେଇଥିଲେ। ଯଦି ବି ମନରେ ଟିକିଏ ଆଶଙ୍କା ରହୁଥିଲା। କିନ୍ତୁ ତାଠୁ ଅଧିକ ଲୋଭ ଥିଲା ମନରେ। ଯାହାର ସିଧା ଫାଇଦା ଉଠାଇଥିଲା ଠକ ସଂସ୍ଥା। ଏବେ ଏହି ସଂସ୍ଥା କୋଟି କୋଟି ଟଙ୍କା ନେଇ ଚମ୍ପଟ ମାରିଥିବା ଜଣାପଡିଛି। ଗତକାଲି ଅର୍ଥାତ ୦୪ ଅଗଷ୍ଟ ସନ୍ଧ୍ୟାରେ ଲୋକଙ୍କ ଭିତରେ ଆଲୋଚନା ହେଲା ଯେ ସଂସ୍ଥା ଧୋକା ଦେଇଛି ଓ ସହର ଛାଡ଼ି ଚମ୍ପଟ ମାରିଛି। କିନ୍ତୁ ଆଉ କିଛି ଲୋକଙ୍କ କହିବା କଥା ହେଲା ସବୁ ଠିକଠାକ ଅଛି। ଯେହେତୁ ମାସର ପ୍ରତ୍ୟେକ ସୋମବାର ବ୍ୟବସାୟ ବନ୍ଦ ରହେ ସେଥିପାଇଁ କେହି କେହି ମଙ୍ଗଳବାର ସକାଳୁ ଦୋକାନ ଖୋଲିବ ବୋଲି କହୁଥିଲେ। କିନ୍ତୁ ମଙ୍ଗଳବାର ଦିନ ୧୧ଟା ଯାଏ ତାଲା ଖୋଲି ନଥିଲା। ଧୀରେଧୀରେ ଏହି ଖବର ଶୁଣି ଲୋକଙ୍କ ଭିଡ଼ ବଢିଲା। ଅନ୍ୟପଟେ ସେମାନେ ରହୁଥିବା ଭଡ଼ା ଘରକୁ ବି ଗ୍ରାହକ ମାନେ ଯିବା ବେଳେ ସେଠାରେ ବି ସାମାନ ସ୍ଥିତି ଦେଖିବାକୁ ମିଳିଲା। ସେଠି ମଧ ତାଲା ବନ୍ଦ ଥିଲା। ଶେଷରେ ଲୋକେ ନିରାଶ ହୋଇ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ଗ୍ରହକଙ୍କ ମଧରେ ଉତ୍ତେଜନା ଲାଗିରହିଛି ତଥାପି କେହି କାହାକୁ ଦୋଷାରୋପ କରୁନାହାନ୍ତି। ଏଭଳି ନୂତନ କୌଶଳ ଠକେଇରୁ ବର୍ତ୍ତିବା ପାଇଁ ଅନେକ ଥର ସାମାଜିକ ଗଣମାଧ୍ୟମରେ ସଚେତନ କରାଯାଉଥିଲେ ମଧ କେହି ଏହାକୁ ଗୁରତ୍ୱ ନଦେଇ ବରଂ ଅଧିକା ଲୋଭ ଆଶାରେ ଜାଲରେ ପଡୁଛନ୍ତି।

ଏନେଇ ପୋଲସରା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି, ଏବେ ଯାଏଁ ଲିଖିତ ଭାବେ କୌଣସି ଅଭିଯୋଗ ଆସିନାହିଁ। ଯେହେତୁ ବାହାର ରାଜ୍ୟରୁ ଆସି ଏଠାରେ ବ୍ୟବସାୟ ଚଳାଇଥିଲେ ତାକୁ ଆମେ ନଜରରେ ରଖି ଆବଶ୍ୟକୀୟ କାଗଜପତ୍ରର ଯାଞ୍ଚ ଚାଲିଥିଲା। ଏନ୍‌ଏସି ପକ୍ଷରୁ ଟ୍ରେଡଲାଇସେନ୍ସ ଯୋଗାଇ ଦିଆଯାଇଛି ଓ ଆବଶ୍ୟକ କାଗଜ ପତ୍ର ମଧ ଅଛି ତେଣୁ ଆଗକୁ ତଦନ୍ତ କରିବାରେ କୌଣସି ଅସୁବିଧା ହେବନି ଏବଂ ଆଗକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଠକେଇ ଅଭିଯୋଗରେ ହିତାଧିକାରୀଙ୍କ ଧାରଣା

ଭଞ୍ଜନଗର,୫।୮ (ସମିସ): ସ୍ଥାନୀୟ ବାଉଁଶଲୁଣ୍ଡି ପଞ୍ଚାୟତ ବଡ଼ କୋଦଣ୍ଡା ଛକରେ ରହୁଥିବା ସୀମାଞ୍ଚଳ ସାହୁଙ୍କର ଗତବର୍ଷ ସେପ୍ଟେମ୍ବର ୧୯ ତାରିଖରେ ଜମା ଖାତାରୁ ୯ ଲକ୍ଷ ୩ହଜାର ଟଙ୍କା ଠକେଇ ହୋଇଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କରୁ ସମ୍ପୂର୍ଣ୍ଣ ଅର୍ଥ ଫେରସ୍ତ ହୋଇ ନ ଥିବାରୁ ସେ ସୋମବାର ଠାରୁ ଭଞ୍ଜନଗର ନିକଟ ବଡ଼କୋଦଣ୍ଡା ଠାରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି। ସୀମାଞ୍ଚଳ ଏହି ବ୍ୟାଙ୍କ ଶାଖାରୁ ଋଣ ଆଣିଥିଲେ। ହେଲେ ଉକ୍ତ ଦିନ ହାଠାତ୍ ତାଙ୍କର ଦୁଇଟି ଏକାଉଣ୍ଟରୁ




୯ ଲକ୍ଷ ୩ହଜାର ଟଙ୍କା କଟି ଯାଇଥିଲା। ଏ ସମ୍ପର୍କରେ ସୀମାଞ୍ଚଳ ବ୍ୟାଙ୍କରେ ଅଭିଯୋଗ କରିବା ପରେ ପେନାଲଟି ବାବଦରେ କିଛି ଟଙ୍କା ଫେରସ୍ତ ପାଇଥିଲେ। ବର୍ତ୍ତମାନ ଋଣ ପ୍ରଦାନ ଅବଧି ସମୟ ଅତିକ୍ରାନ୍ତ ଦର୍ଶାଇ ତାଙ୍କ ଉପରେ ୩୦ହଜାର ଟଙ୍କା ବକେୟା ରହିଛି। ତେଣୁ ବ୍ୟାଙ୍କ ତରଫରୁ ସୀମାଞ୍ଚଳଙ୍କ ଘର ଆଗରେ ଲଟକା ଜାରି କରାଯାଇଛି। ହେଲେ ସୀମାଞ୍ଚଳଙ୍କୁ ଠକେଇ ଅର୍ଥ ପୁରା ମିଳି ନ ଥିବା ବେଳେ ଏବେ ପୁଣି ବକେୟା ଅର୍ଥ ଆଦାୟ ପାଇଁ ବ୍ୟାଙ୍କ ତରଫରୁ ଚାପ ଯୋଗୁ ଏହା ବିରୁଦ୍ଧରେ ସେ ବ୍ୟାଙ୍କ ସାମ୍ନାରେ ଧାରଣାରେ ବସିଛନ୍ତି। ହେଲେ ଏସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିବାରେ, ଯେହେତୁ ସୀମାଞ୍ଚଳଙ୍କ ନାମରେ ୨୦ଲକ୍ଷରୁ ଅଧିକ ଋଣ ଥିବାରୁ ବ୍ୟାଙ୍କ ତରଫରୁ କଟକ ସ୍ଥିତ ଏଆରଏମଡ଼ି ବିଭାଗ ଦ୍ୱାରା ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

## ମଦ ଭାଟି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

# ଅବକାରୀ ଅଧିକାରୀଙ୍କୁ ଭେଟିଲେ କଂଗ୍ରେସ ନେତା

ଛତ୍ରପୁର,୫।୮ (ସମିସ): ବେଆଇନ ଦେଶୀ ମଦ ଭାଟି ସହର ମଧ୍ୟରେ ଜନବସତି ଅଞ୍ଚଳରେ ଚାଲିଛି। ଦୀର୍ଘବର୍ଷ ଧରି ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ବେଳେ ଅବକାରୀ ବିଭାଗ ଦେଖି ନଦେଖିବା ପରି ରହୁଛନ୍ତି। ଏ ନେଇ ଗଞ୍ଜାମ ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି କବିସୂର୍ଯ୍ୟନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ସଞ୍ଜୟ ମଣ୍ଡଳ। ଅଭିଯୋଗ ଅନୁସାରେ ଗଞ୍ଜାମ ଜିଲ୍ଲା କୋଦଳା ବସଷ୍ଟାଣ୍ଡ ନିକଟସ୍ଥ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଏକ ଘର ଭିତରେ ଦେଶୀ ମଦ ଭାଟି ଚାଲିଛି। ଭାଟିରୁ ନିର୍ଗତ ହେଉଥିବା ଦୁର୍ଗନ୍ଧ ସହର ସାରା ଲୋକଙ୍କୁ ଅସୁବିଧାରେ ପକାଉଛି। ଦୀର୍ଘବର୍ଷ ଧରି ଏଠାରେ ଭାଟି ଚାଲିଥିବା ବେଳେ ଖଲ୍ଲିକୋଟ ଅବକାରୀ ବିଭାଗ ନୀରବ ରହିଛନ୍ତି



ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି କଂଗ୍ରେସ ନେତା ଶ୍ରୀ ମଣ୍ଡଳ। ଏଣୁ ନୂତନ ସରକାର ଓ ନୂତନ ଅବକାରୀ ନୀତି ଅନୁସାରେ ଏ ସମସ୍ତ ଅଭିଯୋଗ ଗୁଡିକୁ ଯାଞ୍ଚକରି ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଗଲେ ବାଧ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ଗାଁ ଦାଣ୍ଡରେ ଆକ୍ରମଣ ଅଭିଯୋଗ

ଦିଗପହଣ୍ଡି,୫।୮ (ସମିସ): ଦିଗପହଣ୍ଡି ଥାନା ମହୁଡ଼ା ଗ୍ରାମ ରଘୁନାଥ ମଠ ସାହିର ସୁକାନ୍ତି ମଣ୍ଡଳଙ୍କୁ ଘରୁ ଟାଣିନେଇ ଗାଁ ଦାଣ୍ଡରେ ୨ଜଣ ବ୍ୟକ୍ତି ଉଲଗ୍ନ କରିବା ସହ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସୁକାନ୍ତି ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସ୍‌ପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ଦ୍ୱୟଙ୍କ ବିରୋଧରେ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି। ଗତ ଶନିବାର ରାତି ପ୍ରାୟ ୮ଟାରେ ଗ୍ରାମର କୃଷ୍ଣ ସାହୁ ଏବଂ ପ୍ରତାପ ନାହାକ ସୁକାନ୍ତିଙ୍କ ଘର ସମ୍ମୁଖରେ ପହଞ୍ଚି ଗାଳିଗୁଲଜ କରିଥିଲେ। ସୁକାନ୍ତି ପ୍ରତିବାଦ କରିବାରୁ ତାଙ୍କୁ ଉଭୟେ ଘରୁ ଟାଣି ଆଣି ରାସ୍ତା ଉପରେ ପ୍ଲାଷ୍ଟିକ ପାଇପରେ ଆକ୍ରମଣ କରିବା ସହ ଅସଦାଚରଣ କରିଥିଲେ। ପ୍ରତାପ ପୂର୍ବରୁ ଏକ ହତ୍ୟା ମାମଲାରେ ସଂଶ୍ଳିଷ୍ଟ ରହି ଜେଲରୁ ମୁକୁଳିଥିବାରୁ ସୁକାନ୍ତିଙ୍କୁ ମାଡ଼ ମାରୁଥିବା ଗାଁ ଲୋକେ ଦେଖୁଥିଲେ ମଧ ଭୟରେ ଚୁପ୍ ରହିଥିବା ମହିଳା ଜଣକ ତାଙ୍କ ଏତଲାରେ ଉଲ୍ଲେଖ କରିଛନ୍ତି।

# ବିଧାୟକଙ୍କ ଦ୍ୱାରା ଶିଳାନ୍ୟାସ କାର୍ଯ୍ୟକ୍ରମ

ପାତ୍ରପୁର,୫।୮ (ସମିସ): ପାତ୍ରପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନୂତନ ଗୃହର ଉଦ୍‌ଘାଟନ ମଙ୍ଗଳବାର ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ହୋଇଯାଇଛି। ପରେ ବ୍ଲକ କାର୍ଯ୍ୟାଳୟ ପରିସରରେ ପାତ୍ରପୁର ହେଡ଼କ୍ୱାର୍ଟର ପାଇଁ କିଭଳି ପାନୀୟ ଜଳର ଅସୁବିଧା ହେବ ନାହିଁ ସେ ଦିଗକୁ ଦୃଷ୍ଟି ରଖି ୨ କୋଟି ୨୦ ଲକ୍ଷର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉଦ୍‌ଘାଟନ ବେଳେ ପାତ୍ରପୁର ବ୍ଲକ ଅଧକ୍ଷା ୱାଇ. ସଂଯୁକ୍ତା, ନାରୀ ନେତ୍ରୀ ମୀନା ଦ୍ୟାନସାମନ୍ତରା, ସହକାରୀ ଯନ୍ତ୍ରୀ ରବର୍ଟ ପ୍ରଧାନ, ଏସ. ଭିମାରାଓ, ବରିଷ୍ଠ ନେତା ସନ୍ତୋଷ ପାତ୍ର, ଜୟନ୍ତିପୁର ସମିତି ସଭ୍ୟ ବାଲାଜୀ ପାଢ଼ୀ ପ୍ରମୁଖଙ୍କ ସହ ବହୁ ସରପଞ୍ଚ, ସମିତି ସଭ୍ୟ ସହ ଦଳୀୟ କର୍ମୀ ମାନେ ଉପସ୍ଥିତ ଥିଲେ। ସେହିଭଳି ପାତ୍ରପୁର ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଗ୍ରାମ୍ୟ କମିଟିକୁ ନେଇ ଏକ ଆଲୋଚନା ହୋଇଥିଲା।



# ଖଲ୍ଲିକୋଟ ରାଣୀଙ୍କ ଜନ୍ମ ବାର୍ଷିକୀରେ ୨୦୯ ୟୁନିଟ ରକ୍ତ ସଂଗୃହୀତ

ଖଲ୍ଲିକୋଟ,୫।୮ (ସମିସ): ଖଲ୍ଲିକୋଟର ସ୍ୱର୍ଗତ ରାଣୀ ସାହେବା ଭି. ସୁଜ୍ଞାନୀ କୁମାରୀ ଦେଓଙ୍କ ୮୮ ତମ ଜନ୍ମ ବାର୍ଷିକୀ ସ୍ଥାନୀୟ ଯୁବରାଜ ବଙ୍ଗଳା ଠାରେ ପାଳିତ ହୋଇଯାଇଛି। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦ ତରଫରୁ ଏହି ଉପଲକ୍ଷେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ରାଣୀ ସାହେବା ସୁଜ୍ଞାନୀ ଦେବୀଙ୍କ ଭଉଣୀ ବିଦୁଲତା ଦେବୀ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଭାପତି ଡାକ୍ତର ସାକେତ ରାମାରାଓଙ୍କ ଉପସ୍ଥିତିରେ ତଥା ସମ୍ପାଦକ ସୁଧାଂଶୁ ଶେଖର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରୁ ୨୦୯ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ଏମ୍‌କେସିଜି ରକ୍ତ ଭଣ୍ଡାର କର୍ମଚାରୀମାନେ ଆସି ରକ୍ତ ସଂଗ୍ରହ କରିଥିଲେ। ଖଲ୍ଲିକୋଟର ପୂର୍ବତନ ନଗରପାଳ ରାମମୋହନ ପଣ୍ଡା, ରତ୍ନାକର ସାହୁ, ଖଲ୍ଲିକୋଟ ଏନଏସି ଅଧକ୍ଷ ଇଂ. ନିରଞ୍ଜନ ବେହେରା, ପଥରାର ପୂର୍ବତନ ସରପଞ୍ଚ ବନମାଳୀ ବାଲା, କୈରାଶିର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସାହୁ, ଦିଲ୍ଲୀପ ବେହେରା, ବୁଲୁ ତରେଇଙ୍କ ସହଯୋଗରେ ରକ୍ତଦାତା ମାନେ ରକ୍ତଦାନ କରିଥିଲେ। ଖଲ୍ଲିକୋଟର ପୂର୍ବତନ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ଉପସଭାପତି ଚନ୍ଦ୍ରଶେଖର ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଅନିରୁଦ୍ଧ ସାହୁ, ଡାକ୍ତର ହର ପ୍ରସାଦ ମହାପାତ୍ର, ମହେଶ୍ୱର ବରାଡ଼, ଅରୁଣ କୁମାର ପଣ୍ଡା, ଜନକ ମହାରଣା, ମୀତାଞ୍ଜଳି ମିଶ୍ର ପ୍ରମୁଖ ସୁଜ୍ଞାନୀ ଦେବୀଙ୍କ ଫଟୋରେ ପୁଷ୍ପମାଲ୍ୟ ଦେଇ ସ୍ୱର୍ଗତ ରାଣୀ ସାହେବାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ● ଆର୍. ବାହାଡ଼ାପଲ୍ଲୀ ହତ୍ୟାକାଣ୍ଡର ପର୍ଦ୍ଦାଫାସ

# ଦୁଇ ଗିରଫ, ମାରଣାସ୍ତ୍ର ଜବତ

ରମ୍ଭା/ଗଞ୍ଜାମ,୫।୮ (ସମିସ): ଗତ ୨ ତାରିଖ ରାତିରେ ସାବୁଳିଆ ରେଲୱେ ଗେଟ ପାଖରେ ଆର୍.ବାହାଡ଼ାପଲ୍ଲୀର ମନୁ ପ୍ରଧାନଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଏହି ଘଟଣାରେ ସେହି ଗାଁର କେଶବ ପ୍ରଧାନ ଓ ଜୟ ପ୍ରଧାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହ ଉଭୟଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲିଙ୍କ ସୂଚନାନୁସାରେ ମୃତ ମନୁ ପ୍ରଧାନ ତାଙ୍କ ଗାଁର ସଭାପତି ଥିବା ବେଳେ ଅଭିଯୁକ୍ତ ଜୟ ପ୍ରଧାନଙ୍କୁ ବାସନ୍ଦ କରିଥିଲେ। ସେହିପରି ଅନ୍ୟ ଅଭିଯୁକ୍ତ କେଶବ ପ୍ରଧାନଙ୍କ ସହ ମନୁଙ୍କ ଜମିବାଡ଼ି ବିବାଦ ଲାଗି ରହିଥିଲା। ତେଣୁ ଉଭୟ କେଶବ ଓ ଜୟ ମିଶି ମନୁଙ୍କୁ ମାରିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଗତ ୨ ତାରିଖ ରାତିରେ ମନୁ ଘରକୁ ଫେରୁଥିବାବେଳେ ସାବୁଳିଆ ରେଲୱେ ଗେଟ୍ ନିକଟରେ ପୂର୍ବରୁ ପ୍ରସ୍ତୁତ ରହିଥିବା କେଶବ, ଜୟ ଓ ଅନ୍ୟ ଜଣେ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ମୁଦୁଲି କହିଛନ୍ତି।





# ଡକାୟତି ଗ୍ୟାଙ୍ଗ୍ କାବୁ; ମାରଣାସ୍ତ୍ର ଜବତ



ବେଲଗୁଣ୍ଠା,୫।୮ (ସମିସ): ବେଲଗୁଣ୍ଠା ସହରରେ ବଡ଼ ଧରଣର ଡ଼କାୟତି ଉଦ୍ୟମବେଳେ ଏକ ଗ୍ୟାଙ୍ଗକୁ ପୁଲିସ କାବୁ କରିଛି। ସୋମବାର ମଧରାତିରେ ବେଲଗୁଣ୍ଠା ଥାନା ଏସ୍‌ଆଇ ଅଭୟ କୁମାର ପ୍ରଧାନ, ଥାନା କର୍ମଚାରୀ ଏସ୍. କେ. ଭୂୟାଁ, ବି. ଆର. ବିଶୋୟୀ, ଆର. ସବର, ବି.ଏନ୍. ବେହେରା ଏବଂ ଡି. ପଟ୍ଟନାୟକ ବେଲଗୁଣ୍ଠା ଥାନା ଅଞ୍ଚଳରେ ରାତ୍ର ପାଟ୍ରୋଲିଂ କରୁଥିବାବେଳେ ନୂଆ କୋକଲୁଣ୍ଡା ଗାଁ କାଜୁ ଜଙ୍ଗଲ ନିକଟସ୍ଥ ଫାର୍ମ ହାଉସରେ ଦୁର୍ବୃତ୍ତମାନେ ଏକାଠି ହୋଇଥିବା ଖବର ପାଇଥିଲେ। ଏନେଇ ଥାନା ଅଧିକାରୀ ରେବତୀ ଶବରଙ୍କୁ ସୂଚନା ଦେଇଥିଲେ। ପୁଲିସ୍ ଟିମ୍ ଫାର୍ମ ହାଉସରେ ଚଢ଼ଉ କରି ୮ ଜଣଙ୍କୁ କାବୁ କରିଥିଲା। ସେମାନେ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ କେବିରି ବ୍ରହ୍ମପୁର ଗ୍ରାମର ରଞ୍ଜିତ କୁମାର ସ୍ୱାଇଁ ଓରଫ କାଳିଆ (୨୭), ବୋରିପଦର ଗ୍ରାମର ସିମାଞ୍ଚଳ ଗୌଡ଼ ଓରଫ ମୁନା (୩୭), ନୂଆଁ ତନରଡ଼ା ଗ୍ରାମର ପ୍ରଶାନ୍ତ ମଲ୍ଲିକ ଓରଫ ଶେଷ (୩୦), ତନରଡ଼ା ବଡ଼ ସାହିର ଶଙ୍କର ଗୌଡ଼ ଓରଫ ବୁଟୁ(୩୨), ହରିଜନ ଉଢୁରା ଗ୍ରାମର ଲୋକନାଥ ନାଇକ ଓରଫ ଚିକୁ(୨୧), ଅଶ୍ୱିନୀ ନାଇକ, ଭଞ୍ଜନଗର ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ସୁଜିତ କୁମାର ଗୌଡ଼ ଓରଫ ସଂଗ୍ରାମ (୨୫) ଏବଂ ତାରସିଂ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ନୀଳମାଧବ ସେଠୀ ଓରଫ ବାବୁ (୩୧)। ପୁଲିସ ସେମାନଙ୍କ ନିକଟରୁ ତିନୋଟି ଖଣ୍ଡା, ଚାରିଟି କାତି, ବିସ୍ଫୋରକ ସାମଗ୍ରୀ, ୧୧ଟି ମୋବାଇଲ୍, ୩ ବାଇକ୍, ବୋଲେରୋ, କାର୍ ଜବତ କରି କୋର୍ଟଚାଲାଣ କରିଥିବା ବେଳେ ଏସ୍‌ଆଇ ଅଭୟ କୁମାର ପ୍ରଧାନଙ୍କ ରିପୋର୍ଟ୍ ପ୍ରକାରେ ଏକ ମାମଲା ରୁଜୁ କରାଯାଇଛି।

# ସ୍କୁଟି ଚୋରି ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର,୫।୮ (ସମିସ): ସ୍କୁଟି ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ବଡ଼ ବଜାର ଥାନା ଅଞ୍ଚଳର ରାହୁଲ ସାହୁ ଓରଫ ସନ୍ତୋଷ(୧୮)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଲାଞ୍ଜିପଲ୍ଲୀ ଗଣେଶ ନଗର ନିବାସୀ ଦେବେନ୍ଦ୍ରନାଥ ଶତପଥୀ ଜୁଲାଇ ୨୪ ତାରିଖରେ କୌଣସି କାମରେ ଗାନ୍ଧୀ ନଗର ୬ ଲାଇନକୁ ଯାଇ ଏକ ଆପର୍ଟମେଣ୍ଟରେ ତାଙ୍କ ସ୍କୁଟିକୁ ରଖି କାମରେ ଯାଇଥିବାବେଳେ ଚୋରି ହୋଇଯାଇଥିଲା। ଏନେଇ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଜି ଏଏସଆଇ ତଥା ତଦନ୍ତଧିକାରୀ ଜି ସାଇ କିରଣ ଅଭିଯୁକ୍ତ ରାହୁଲକୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଉନ୍ନତ ବିଜୁଳି ବ୍ୟବସ୍ଥା ପାଇଁ ଟିପିଏସ୍‌ଓଡିଏଲ୍‌ର ପଦକ୍ଷେପ

# ରାୟଗଡ଼ା, ଜୟପୁର ସର୍କଲର ୩୧ ହଜାର ବର୍ଗ କିମି ଅଞ୍ଚଳର ଡ୍ରୋନ୍ ସର୍ଭେ

ବ୍ରହ୍ମପୁର,୫।୮ (ସମିସ)

ବିଦ୍ୟୁତ ବିତରଣ କ୍ଷେତ୍ରରେ ବିଶ୍ୱାସନୀୟତା ଏବଂ ଗ୍ରାହକ ସେବାକୁ ଉନ୍ନତ କରିବାକୁ ଟେକ୍ନୋଲୋଜିର ଉପଯୋଗ କରି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ଡ୍ରୋନ୍ ଆଧାରିତ ସର୍ଭେ ଓ ନିରୀକ୍ଷଣ ଆରମ୍ଭ କରାଯାଇଛି। ଜୟପୁର ଓ ରାୟଗଡ଼ା ସର୍କଲ ମୋଟ ୩୧,୧୯୫ ବର୍ଗକିମି ଅଞ୍ଚଳରେ ବ୍ୟାପ୍ତ। ଏଥିରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ ଗଜପତି ଜିଲ୍ଲା ଅନ୍ତର୍ଭୁକ୍ତ। ତାଲିମପ୍ରାପ୍ତ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଡ୍ରୋନ୍ ଅପରେସନକୁ ଭୂପୃଷ୍ଠରୁ ୩୦ରୁ ୮୦ ମିଟର ଉଚ୍ଚତାରେ ଉଡାଣ କରାଯାଉଛି। ଉଚ୍ଚତା ଆଧାରରେ ଏହାର କ୍ଷମତା ପ୍ରାୟ ୨କିମି ପର୍ଯ୍ୟନ୍ତ ରହିଛି। ଏହି ଅତ୍ୟାଧୁନିକ ଡ୍ରୋନରେ ଶକ୍ତିଶାଳୀ କ୍ୟାମେରା ଏବଂ ଜିପିଏସ୍ ସିଷ୍ଟମ ଲାଗିଛି, ଫଳରେ ବିଦ୍ୟୁତ ନେଟୱାର୍କର ରିଅଲ ଟାଇମ୍ ଏରିଅଲ ନିରୀକ୍ଷଣ କରାଯାଇପାରିବ। ଡ୍ରୋନ୍ ବ୍ୟବହାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୁରତ୍ୱପୂର୍ଣ୍ଣ ବିଦ୍ୟୁତ ଭିତ୍ତିଭୂମିର ବିସ୍ତୃତ ଫଟୋ ଉତ୍ତୋଳନ ଏବଂ ବିତରଣ ନେଟୱାର୍କର ମ୍ୟାପ ପ୍ରସ୍ତୁତ କରିବା, ଯାହା ଦ୍ୱାରା ସଠିକ୍ ତଥ୍ୟ ରେକର୍ଡ କରାଯାଇପାରିବ ଏବଂ ପ୍ରଭାବଶାଳୀ ଢଙ୍ଗରେ ଯୋଜନା ପ୍ରସ୍ତୁତ କରାଯାଇପାରିବ।

- ମାଳ ଅଞ୍ଚଳରେ ବିଦ୍ୟୁତ ଭିତ୍ତିଭୂମିର ରିଅଲ ଟାଇମ୍ ମନିଟରିଂ
- ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତ୍ୱରିତ ତ୍ରୁଟି ଚିହ୍ନଟ, ମରାମତି ପଦକ୍ଷେପ

ଏହି ପଦକ୍ଷେପ ମାଧ୍ୟମରେ ପାହାଡ଼ିଆ ଜଙ୍ଗଲ ଘେରା ଅଞ୍ଚଳରେ ଟିପିଏସ୍‌ଓଡିଏଲ୍ ଏହାର ୩୩ କେଭି, ୧୧ କେଭି ଫିଡର, ଟ୍ରାନ୍ସଫର୍ମର, ବିଦ୍ୟୁତ ଖୁଣ୍ଟ ଇତ୍ୟାଦି ଭିତ୍ତିଭୂମିକୁ ନିରନ୍ତର ମନିଟରିଂ



କରିପାରିବ। ପାରମ୍ପରିକ ପଦ୍ଧତିରେ ଏହା କଷ୍ଟସାଧ ବ୍ୟାପାର ହୋଇଥିବା ବେଳେ ଏଥିରେ ଅଧିକ ସମୟ ଅପଚୟ ହୁଏ। ତେଣୁ କମ୍ପାନୀ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ଏହି କାମକୁ ସହଜ କରିଛି। ଜିପିଏସ୍ ଆଧାରିତ ଡ୍ରୋନ୍ ତ୍ୱରିତ ତ୍ରୁଟି ଚିହ୍ନଟରେ ସହାୟକ ହୁଏ, ଯାହା ଫଳରେ ତୁରନ୍ତ ମରାମତି କରାଯାଇପାରିବ। ବିଦ୍ୟୁତ ସରବରାହ ବ୍ୟାଘାତ ହେବା ସମୟରେ ଡ୍ରୋନ୍ ବ୍ୟବସ୍ଥା ସାହାଯ୍ୟରେ ସେଣ୍ଟ୍ରାଲ କମାଣ୍ଡ ସେଣ୍ଟର ସମୟାନୁସାରେ ଉଚିତ ପଦକ୍ଷେପ ନେଇପାରିବ। ଏହା ବିଦ୍ୟୁତ ବିଚ୍ଛିନ୍ନ ହେବା ସମୟକୁ ହ୍ରାସ କରିବା ସହ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛି। ଏହି ପଦକ୍ଷେପ ତଥ୍ୟ ଆଧାରିତ ରକ୍ଷଣାବେକ୍ଷଣକୁ ଉନ୍ନତ କରିଛି ଏବଂ ଭିଜୁଆଲ ଇନ୍ସପେକ୍ସନ୍ ଓ ତ୍ରୁଟି ଚିହ୍ନଟ ତଥା ପ୍ରାକ୍-ବିଶ୍ଳେଷଣରେ ସହାୟକ ହେଉଅଛି। ଡ୍ରୋନ୍ ମାଧ୍ୟମରେ କାଳବୈଶାଖୀ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଘଞ୍ଚ ଜଙ୍ଗଲ ଓ ପାହାଡିଆ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ସହ ତୁରନ୍ତ ବିଦ୍ୟୁତ ସରବରାହ ସ୍ୱାଭାବିକ କରାଯାଇପାରିବ।

ବିପର୍ଯ୍ୟୟ ପରିଚାଳନା ଦିଗରେ ଏହା ଏକ ଉପଯୋଗୀ ପଦକ୍ଷେପ। ଏହା ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ରାୟଗଡ଼ା ଏବଂ ଜୟପୁର ସର୍କଲରେ ଡ୍ରୋନ୍ ନିରୀକ୍ଷଣ କାର୍ଯ୍ୟକ୍ଷମ ହେବା ନବସୃଜନ ଓ ଉତ୍ତମ ସେବା ଦିଗରେ ଆମର ପ୍ରତିବଦ୍ଧତାକୁ ଦର୍ଶାଏ। ଗମନାଗମନ ଏବଂ ଯୋଗାଯୋଗ ସୁବିଧା ନଥିବା ଅଞ୍ଚଳରେ ଏହି ଡ୍ରୋନ୍ ବ୍ୟବସ୍ଥା ଏକ ସ୍ମାର୍ଟ ଏବଂ ସୁରକ୍ଷିତ ସମାଧାନ ପ୍ରଦାନ କରୁଛି। ଦକ୍ଷିଣ ଓଡ଼ିଶାରେ ଉନ୍ନତ ବିଦ୍ୟୁତ ବିତରଣ ନେଟୱାର୍କ ନିର୍ମାଣ କରିବା ଦିଗରେ ଏହା ଏକ ବଳିଷ୍ଠ ପଦକ୍ଷେପ।

# ଦୁଇ ଯୁବକଙ୍କୁ ଛୁରୀ ଭୂସି ଦେଲେ ଦୁର୍ବୃତ୍ତ

ଖଲ୍ଲିକୋଟ,୫।୮ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଟିଆ ସାହି ଛକ ନିକଟରେ କିଛି ଦୁର୍ବୃତ୍ତ ୨ ଜଣ ଯୁବକଙ୍କ ତଣ୍ଟି ରେ ଛୁରୀ ଭୂଷି ଦେଇଥିବା ଜଣାପଡ଼ିଛି। ସୋମବାର ମଧରାତ୍ରୀରେ ଏହି ଘଟଣା ଘଟିଛି। ଏପରିକି ଜଣେ ଯୁବକଙ୍କ ତଣ୍ଟିରୁ ଆଖି ପର୍ଯ୍ୟନ୍ତ ଛୁରୀ ଯାଇ ଆଘାତ ହୋଇଥିବା ସୂଚନା ମିଳିଛି। ଦୁଇ ଯୁବକଙ୍କୁ ପ୍ରଥମେ ଖଲ୍ଲିକୋଟ ଓ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ହୋଇଥିବା ଦୁଇ ଯୁବକ ନୂଆଁ ଫାସୁଲା ଗ୍ରାମର ସିଲୁ ପାହାନ (୩୦) ଓ ତୁଳସୀପୁର ଗ୍ରାମର ରାଜେଶ ପଲେଇ (୨୮) ବୋଲି ଜଣାପଡିଛି । ମାଟିଆ ସାହି ଛକରେ ଥିବା ଏକ ଘରେ ସିଲୁ ଓ ରାଜେଶ ଶୋଇଥିବା ବେଳେ ସୋମବାର ବିଳମ୍ବିତ ରାତିରେ ୩ ରୁ ୪ ଜଣ ଦୁର୍ବୃତ୍ତ ଉଭୟଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ସିଲୁଙ୍କ ତଣ୍ଟିରେ ଛୁରୀ ପଶି ଆଖି ପର୍ଯ୍ୟନ୍ତ ଯାଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ତାଙ୍କ ଅବସ୍ଥା ଶଙ୍କଟାପନ୍ନ ରହିଛି। ରାଜେଶ ପଲେଇଙ୍କ ତଣ୍ଟିକୁ ଛୁରୀରେ କଟା ଯାଇଥିବା ବେଳେ ତାଙ୍କ ଅବସ୍ଥା ମଧ ଗୁରୁତର ରହିଛି। ତେବେ ଦୁର୍ବୃତ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇ ଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।



## ବୃତ୍ତି ହରାଇଲେ ମୂର୍ତ୍ତି କାରିଗର

# ମାଟି ବଦଳରେ ବଢ଼ୁଛି ପ୍ଲାଷ୍ଟର୍ ଅଫ୍ ପ୍ୟାରିସ୍ ମୂର୍ତ୍ତି ଚାହିଦା

ପୋଲସରା,୫ ।୮ (ସମିସ)



ଆସୁଛି ପାର୍ବଣର ଋତୁ। ଗଣେଶ ପୂଜାଠୁ ଆରମ୍ଭ କରି ଦଶହରା ଓ ଲକ୍ଷ୍ମୀ ପୂଜା ପର୍ଯ୍ୟନ୍ତ ସବୁ ସାହି ଗଳିରେ ଦେଖିବାକୁ ମିଳିବ ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି। କିନ୍ତୁ ପାର୍ବଣ ଋତୁରେ ପୋଲସରା ଓ ଏହାର ଆଖପାଖ ଅଞ୍ଚଳରେ ଆଉ ଖୋଜାପଡୁନି ମାଟି ମୂର୍ତ୍ତି କାରିଗରଙ୍କୁ। କାଁ ଭାଁ ଦେଖିବାକୁ ମିଳୁଛି ମାଟିର ହାତଗଢ଼ା ପ୍ରତୀମା। ପୋଲସରା ମାଟି ନିଜର କଳା, ସଂସ୍କୃତି ଓ କାରୁକାର୍ଯ୍ୟ ପାଇଁ ସବୁବେଳେ ପ୍ରସିଦ୍ଧି ଲାଭ କରିଛି। ମୂର୍ତ୍ତୀ କାରିଗର କେବଳ ଏହି ପର୍ବାଣି ଋତୁରେ ହିଁ ପରିବାର ଭରଣପୋଷଣ ପାଇଁ ଲାଗିପଡ଼ନ୍ତି ନିଜ କୌଳିକ ବୃତ୍ତିରେ ଏବଂ ଗଢ଼ି ତୋଳନ୍ତି ସୁନ୍ଦର ମୂର୍ତ୍ତି। ସେଥିରୁ ଯାହା କିଛି ରୋଜାଗାର ହୁଏ କଷ୍ଟେମଷ୍ଟେ ଚାଲିଥାଏ ଆସନ୍ତା ବର୍ଷ ପର୍ଯ୍ୟନ୍ତ। କାହିଁକି ନା ବର୍ଷକେ ଭିତରେ କେବଳ ଏହି ସମୟରେ ହିଁ ତାଙ୍କୁ ଅର୍ଥ ଉପାର୍ଜନ କରିବା ସୁଯୋଗ ମିଳିଥାଏ। ବାକି ସମୟ ଆର୍ଥିକ ବୋଝ ଓ ଦୁର୍ଦ୍ଦଶାରେ କଟିଥାଏ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ବର୍ତ୍ତମାନର ବ୍ୟସ୍ତବହୁଳ ଜୀବନଶୈଳୀ ଛଡ଼ାଇନେଇଛି ସେମାନଙ୍କ ଜୀବିକା ଓ ମାଟିରେ ମିଶିଯାଇଛି ମାଟିମୂର୍ତ୍ତି କାରିଗରଙ୍କ ଜ୍ଞାନ କୌଶଳ। କିଛି ବର୍ଷ ହେଲା ପାର୍ବଣ ଋତୁରେ ଆମର ଆଧୁନିକତା ଚିନ୍ତାଧାରା ଓ ବର୍ତ୍ତମାନର ଯୁବ ସମାଜ ଆପଣାଇଛି ଏକ ନୂଆ ପଦ୍ଧତି ଯାହାକୁ ଆମେ ପ୍ଲାଷ୍ଟର ଅଫ ପ୍ୟାରିସ୍ ବୋଲି କହୁ। ଖୁବ୍ କମ ସମୟ ଭିତରେ ଓ ସହଜ ପ୍ରଣାଳୀରେ ଅଧିକା ମୂର୍ତ୍ତି ତିଆରି ହେଇପାରୁଥିବାରୁ ଏହାର ଚାହିଦା ବଢ଼ିବାରେ ଲାଗିଛି। ଏଥିରୁ ପ୍ରସ୍ତୁତ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଓ ସାଜସଜ୍ଜା ଜିନିଷ ସବୁ କମ ଓଜନ ସହ ଅଳ୍ପ ଖର୍ଚ୍ଚରେ ଉପଲବ୍ଧ ହୋଇପାରୁଛି। ଫଳରେ ଲୋକମାନଙ୍କ ମଧ୍ୟରେ ମାଟିରେ ମୂର୍ତ୍ତି ଗଢ଼ିବା ପାଇଁ ଆଉ ଆଗ୍ରହ ଆସୁନାହିଁ। ଏହାଦ୍ୱାରା ଶିଳ୍ପୀ ନିଜର ଜୀବିକା ହରାଇବା ସହ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। କିନ୍ତୁ ଏସବୁ ଭିତରେ ଆମେ କେବଳ ମୂର୍ତ୍ତି କାରିଗର କୁଟୀର ଶିଳ୍ପକୁ ହାରାଇ ନାହାନ୍ତି ବରଂ ନିଜେ ଠେଲି ହୋଇଯାଇଛନ୍ତି ବିଷ ବଳୟ ଭିତରକୁ। କାହିଁକି ନା ପ୍ଲାଷ୍ଟର ଅଫ୍ ପ୍ୟାରିସର ବ୍ୟବହାର ଆମ ପରିବେଶକୁ ପ୍ରଦୂଷଣ କରିବାରେ ପ୍ରମୁଖ ଭୂମିକା ନେଇଥାଏ। ଯଦି ଯୁବସମାଜ ପୁଣି ଥରେ ପୁରୁଣା ପ୍ରଥାକୁ ଆପଣାଇବ ତା'ହେଲେ ପୁନଃ କାରିଗରୀ ଓ ଶିଳ୍ପୀଙ୍କ ଜୀବିକା ଫେରିବା ସହ ପରିବେଶର ମଧ୍ୟ ସୁରକ୍ଷା ହୋଇପାରିବ। ଏନେଇ ଚିତ୍ରକର ସଂଘ ସରକାରଙ୍କ ତରଫରୁ ସହଯୋଗ ଓ ପ୍ରୋତ୍ସାହନ ରାଶି ଯୋଗାଇଦେବାକୁ ଦାବି କରିଛି। ଅନ୍ୟ ପକ୍ଷରେ ସ୍ଥାନୀୟ ବୁଦ୍ଧିଜୀବୀ ଯୁବ ସମାଜ ଯେତେ ଆଧୁନିକତା ଆଡ଼କୁ ଗତିକଲେ ମଧ୍ୟ ପରିବେଶ ପ୍ରତି ଯତ୍ନବାନ ହେବ ଆବଶ୍ୟକ ବୋଲି କହିଛନ୍ତି।

## ୮୫ ବର୍ଷୀୟ ବୃଦ୍ଧଙ୍କୁ ମିଳୁନି ଭତ୍ତା



ଫିରିଙ୍ଗିଆ,୫।୫(ସମିସ): ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ମାଲାକେରୀ ଗ୍ରାମର ଲିଙ୍ଗରାଜ ସାହୁ (୮୫) ଦୀର୍ଘ ବର୍ଷ ଧରି ଭତ୍ତା ପାଇବାରୁ ବଞ୍ଚିତ ଥିବା ନେଇ ଫିରିଙ୍ଗିଆ ବ୍ଲକ ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ଲିଙ୍ଗରାଜଙ୍କୁ ବର୍ତ୍ତମାନ ବୟସ ୮୫ ବର୍ଷ ଓ ସେ ପୂର୍ବରୁ ବାର୍ଦ୍ଧକ୍ୟ ଭତ୍ତା ପାଉଥିଲେ। କିନ୍ତୁ ଗତ ୩ବର୍ଷ ୮ ମାସ ହେବ ଭତ୍ତା ପାଉନାହାନ୍ତି। ଏଥିପାଇଁ ସେ ଲୁଇସିଂ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସମାଧାନ ହୋଇ ନଥିବା ଅଭିଯୋଗ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଯାଉଥିବା କହିଥିବା ବେଳେ ପାସ୍‌ବୁକ ଯାଞ୍ଚ କରିବାରୁ ଟଙ୍କା ଯାଉନଥିବା ଜଣାପଡିଥିଲା। ବାରମ୍ବାର ଅଭିଯୋଗ ପରେ ଭତ୍ତା ଟଙ୍କା ଆସୁନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଲିଙ୍ଗରାଜ କହିଛନ୍ତି। ଅନ୍ୟପଟେ ବାଧ୍ୟ ହୋଇ ଫିରିଙ୍ଗିଆ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ବେଳେ ଭେଟି ନ ପାରିବାରୁ ସ୍ଥାନୀୟ ବ୍ଲକ ସାମାଜିକ ସୁରକ୍ଷା ଅଧକାରୀଙ୍କ କାର୍ଯ୍ୟାଳୟରେ ଭେଟି ଏହାର ସମାଧାନ ପାଇଁ ନିବେଦନ କରିଛନ୍ତି। ଅନ୍ୟପଟେ ଏହି ଘଟଣାକୁ ନେଇ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ କର୍ମଚାରୀଙ୍କୁ ପଚାରିବାରୁ ପାସ୍‌ବୁକ ଆକାଉଣ୍ଟ ନମ୍ବର ତ୍ରୁଟି ଥିବାରୁ ଏପରି ଅସୁବିଧା ହେଇଥିବା କହିବା ସହ ସମାଧାନ କରାଯିବ ବୋଲି କହିଛନ୍ତି।

## ଖୋଲିଲା ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର



ସୋରଡ଼ା,୫ ।୮ (ସମିସ): ସୋରଡ଼ା ସହରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ଥାନୀୟ ବିଧାୟକ ନୀଳମଣି ବିଷୋୟୀଙ୍କ ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ନାୟକ ଉଦ୍‌ଘାଟନ କରିଛନ୍ତି। ଏହି ଆରୋଗ୍ୟ କେନ୍ଦ୍ରରେ ରୋଗୀଙ୍କୁ ଔଷଧ ଓ ବିଭିନ୍ନ ପରୀକ୍ଷା ବିନା ମୂଲ୍ୟରେ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ। ଏହି ଅବସରରେ ସ୍ଥାନୀୟ ଏନ୍‌ଏସି ନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ମହିଳା ଓ ଶିଶୁ ବିକାଶ ଅଧିକାରୀ ସବିତା ସାବତ, ଏଏନଏମ୍ ସୁଜାତା ରାଣୀ ସୁବୁଦ୍ଧିଙ୍କ ସହ ଭାରପ୍ରାପ୍ତ ଡ଼ା ଆଶିଷ ସ୍ୱାଇଁ, ଡ଼ା ଅଜିତ କୁମାର ପାଣିଗ୍ରାହୀ ଓ ନିକଟସ୍ଥ ମେଡ଼ିକାଲର ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ।

## 'ଭରସା ପୋର୍ଟାଲ'ଶୁଭାରମ୍ଭ କଲେ ବିଧାୟକ



ଛତ୍ରପୁର,୫ ।୮ (ସମିସ): ମଧ୍ୟସ୍ଥତା ନୁହେଁ ସିଧାସଳଖ ବିଧାୟକଙ୍କ ସହ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ଯୋଡ଼ିବା ଲାଗି ପ୍ରଥମ କରି ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ "ଭରସା ପୋର୍ଟାଲ' ନାମକ ଆପ୍ର ମଙ୍ଗଳବାର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ଛତ୍ରପୁର ନିର୍ବାଚନମଣ୍ଡଳୀର ୩୩ଟି ପଞ୍ଚାୟତ, ୩ଟି ଏନ୍‌ଏସିର ଜନସାଧାରଣ ସେମାନଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଅବଗତ କରାଇପାରିବେ। ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ଗୁଡ଼ିକୁ ପ୍ରାଧାନ୍ୟ ଦେବା ସହିତ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଛତ୍ରପୁର ସର୍କିଟ ଗୃହଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ଶୁଣିବା ପାଇଁ ବିଧାୟକ କାର୍ଯ୍ୟାଳୟ ୨୪ ଘଣ୍ଟା କାର୍ଯ୍ୟକ୍ଷମ ରହିବ। ଜନସାଧାରଣଙ୍କ ଅଭିଯୋଗ ଅନୁସାରେ ଯେ କୌଣସି ବିଭାଗୀୟ ଓ କର୍ମଚାରୀଙ୍କ ଠାରୁ ସେବା ପାଇବାର ଅଛି ବିଧାୟକଙ୍କ ପକ୍ଷରୁ ଦ୍ରୁତ ପଦକ୍ଷେପ ନିଆଯିବ। ମୁଁ ଛତ୍ରପୁର ନିର୍ବାଚନମଣ୍ଡଳୀର ବିଧାୟକ ହେବା ପରଠୁ ଜନସାଧାରଣଙ୍କୁ ସେବା ଯୋଗାଇବାରେ ପ୍ରାଧାନ୍ୟ ଦେଇ ଆସିଛି। ନିଜ ଦରମା ନିର୍ବାଚନମଣ୍ଡଳୀର ନିହାତି ଗରିବ ଏବଂ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କୁ ଚିକିତ୍ସା କ୍ଷେତ୍ରରେ ସହାୟକ ହେଲା ଭଳି ଆର୍ଥିକ ସହାୟତା କରି ଆସୁଅଛି। ୧୦ ହଜାରୁ ୩୦ ହଜାର ପର୍ଯ୍ୟନ୍ତ ପ୍ରାୟ ୨୦୦ ଜଣ ଜନସାଧାରଣଙ୍କୁ ଚେକ୍ ମାଧ୍ୟମରେ ଆର୍ଥିକ ସହାୟତା ଯୋଗାଇ ଆସୁଛି। ସେହିପରି ଦୌନନ୍ଦିନ ସକାଳ ୮ ଟାରୁ ୧୦ଟା ପର୍ଯ୍ୟନ୍ତ ୨ ଘଣ୍ଟା ଧରି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଶୁଣିବା ପରେ ତାହାର ସମାଧାନ ଦିଗରେ ପଦକ୍ଷେପ ନେଉଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଡଃ ପ୍ରଶାନ୍ତ କୁମାର ନାୟକ ଓ ସୁରଥ ପ୍ରଧାନ, ରାଜ୍ୟ ପରିଷଦ ସଦସ୍ୟ ପଦ୍ମଚରଣ ସାହୁ, ପୂର୍ବତନ ସମିତିସଭ୍ୟ ଏନ୍.ଦୁର୍ଯ୍ୟୋଧନ ରେଡୀ, କେ. ଚନ୍ଦ୍ରଶେଖର ରେଡୀ, ପୂର୍ବତନ ଉପନଗରପାଳ ବସନ୍ତ କୁମାର ବେହେରା, ଛତ୍ରପୁର ମଣ୍ଡଳ ସଭାପତି ଗୌରୀ ଶଙ୍କର ନାହାକ, ଯୁବ ନେତା ବନୋଜ ନାହାକଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ।

## ମୋବାଇଲ୍ ଛଡ଼ାଇନେଇଛି ପିଲାଙ୍କ ଖେଳଣା

ଶେରଗଡ଼,୫।୮ (ସମିସ): ମୋବାଇଲ ସର୍ବସ୍ୱ ଦୁନିଆରେ ପିଲା ଠୁ ବୁଢ଼ା, ସ୍କୁଲ ଠାରୁ କଚେରୀ ଯାଏଁ ବିଭିନ୍ନ ବ୍ୟକ୍ତି ଏବେ ଏହା କବଳରେ। ଫଳରେ ଆଜିକାଲିକା ପିଲା ବହି ଛାଡ଼ି ଅଧିକରୁ ଅଧିକ ଲାପଟପ୍, କମ୍ପ୍ୟୁଟର ସହ ମୋବାଇଲରେ ଅଧିକ ସମୟ ଅତିବାହିତ କରୁଛନ୍ତି। ପିଲାମାନେ ଆଉ ଖେଳିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ପଢିବା, ବସିବା, ଶୋଇବା ସବୁବେଳେ ମୋବାଇଲ ସହ ଅଧିକ ମାତ୍ରାରେ ପିଲା ଅଭ୍ୟସ୍ତ ହେଉଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଯୁବ ପିଢିଙ୍କୁ ଅନୁଧ୍ୟାନ କଲେ, ଦେଖିବାକୁ ମିଳେ ଯେ, ସେମାନେ ଅତି କମ ମାତ୍ରାରେ ବହି ପଢୁଛନ୍ତି। ଅଧିକାଂଶ ସମୟ ମୋବାଇଲରେ ବିଭିନ୍ନ ଗେମ ଖେଳିବାରେ ସେମାନଙ୍କର ସମୟ କଟୁଛି। ଖୋଲା ପଡ଼ିଆର ଖେଳିବା ଅପେକ୍ଷା ଯୁବପିଢ଼ି ଓ ପିଲାଙ୍କର କମ୍ପ୍ୟୁଟର କିମ୍ବା ମୋବାଇଲ ଗେମ୍‌ରେ ସମୟ ଅତିବାହିତ ହେଉଛି। ଛୋଟ ପିଲା କାନ୍ଦିଲେ ମା' ଆଉ ତାକୁ ଝୁମୁକା ଦେଉନାହିଁ ବରଂ ମୋବାଇଲରେ ଗୀତ ଶୁଣାଉଛି। ପିଲା ବଡ଼ ହେଲା ପରେ ସହାୟକ ପୁସ୍ତକ ପାଠ ଲାଗି ମୋବାଇଲ ବ୍ୟବହାର କରି ବିଭିନ୍ନ କାରିଗରୀ, କଳା, କୌଶଳକୁ ଆୟତ୍ତ କରୁଛି। ପରବର୍ତ୍ତୀ ସମୟରେ ବିଭିନ୍ନ ଆପ ଓ ଗେମ ଡାଉନ୍‌ଲୋଡ୍ କରି ସମୟ ଅତିବାହିତ କରୁଛି। ତାହାରି ପାଖରେ ପଡିଆରେ କ୍ରିକେଟ ହେଉ ଅବା ଫୁଟବଲ କିମ୍ବା କ୍ୟାରମ ଅବା ଚେସ ଲାଗି ସମୟ ଅଭାବ ପଡିଯାଉଛି। ଘରେ ଓ ବାହାରେ ମୋବାଇଲର ଅହେତୁକ ଚାହିଦା ବୃଦ୍ଧି ବର୍ତ୍ତମାନର ସମୟ ପିଲାଙ୍କୁ ଦିଗଭ୍ରାନ୍ତ କରୁଥିବା କୁହାଯାଉଛି।

## କନିଷ୍ଠ ସହାୟିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଲଗୁଣ୍ଠା,୫ ।୮ (ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ପାଇଲିପଡା ନାରାୟଣ ପୃଷ୍ଟି ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟର କନିଷ୍ଠ ସହାୟିକା ସ୍ୱପ୍ନା ଚୌଧୁରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀମତୀ ଚୌଧୁରୀ ବିଦ୍ୟାଳୟରେ ଦୀର୍ଘ ୪୨ ବର୍ଷ କାର୍ଯ୍ୟ କରିଥିଲେ। ପ୍ରଧାନ ଶିକ୍ଷକ ଉଦୟନାଥ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀମତୀ ଚୌଧୁରୀ ଅତିଥି ଭାବେ ଉପସ୍ଥିତ ଥିଲେ। ପୂର୍ବତନ ସଂସ୍କୃତ ଶିକ୍ଷକ ବିଶ୍ୱନାଥ ତ୍ରିପାଠି ଗୀତା ପାଠ କରିବା ସହିତ ଶ୍ରୀମତୀ ଚୌଧୁରୀଙ୍କ କର୍ମମୟ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ରମାବଲ୍ଲଭ ବେହେରା, ରାଜେନ୍ଦ୍ର କୁମାର ମଲ୍ଲିକ, ଶିକ୍ଷକ ମିଟୁ ପ୍ରଧାନ, ଶିକ୍ଷୟିତ୍ରୀ ଲଳିତା କୁମାରୀ ସାହୁ ଯୋଗଦେଇ ଶ୍ରୀମତି ଚୌଧୁରୀଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ମିଟୁ ପ୍ରଧାନ ମାନପତ୍ର ପାଠ କରିଥିବା ବେଳେ ଲଳିତା କୁମାରୀ ସାହୁ ବିଦାୟୀ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ, ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଶ୍ରୀମତୀ ଚୌଧୁରୀଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି ଓ ମିଶନଶକ୍ତି ଗୃହ ଉଦ୍‌ଘାଟିତ



ଜଗନ୍ନାଥପ୍ରସାଦ,୫ ।୮ (ସମିସ): ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ପଞ୍ଚାୟତରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ବିଭିନ୍ନ ପ୍ରକଳ୍ପ ଗୃହ ମଙ୍ଗଳବାର ଦିନ ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ପଞ୍ଚାୟତର ଭୂଷଣ୍ଡପାଳ ସ୍ଥିତ କୋଠଘର, ବିଡ଼ିପୁର ଅଙ୍ଗନବାଡି କେନ୍ଦ୍ର (କ) ସମେତ ମିଶନଶକ୍ତି ଗୃହ, ସ୍ଥାନୀୟ ଚନ୍ଦ୍ରଶେଖର ଉଚ୍ଚ ବାଳିକା ବିଦ୍ୟାଳୟ ସ୍କୁଲ ପରିସରରେ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର(ଖ)ର ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ଆୟୋଜିତ ସଭାରେ ବିଧାୟକ ଶ୍ରୀ ନାୟକ ସ୍କୁଲର ଆବଶ୍ୟକତା ଅନୁଯାଇ ସ୍କୁଲ ପାଚେରି, ଖେଳ ପଡ଼ିଆ, କମ୍ୟୁନିଟି ହଲ୍ ଖୁବ ଶୀଘ୍ର ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ସରପଞ୍ଚ ରଶ୍ମିତା ସାହୁ, ସମିତିସଭ୍ୟା ଗୀତାରାଣୀ ବାରିକ, ବିଇଓ କଲ୍ୟାଣୀ ପାଢ଼ୀ, ରେଞ୍ଜର ସୁଜାତାରାଣୀ ପଣ୍ଡା, ପ୍ରଧାନଶିକ୍ଷକ ପ୍ରମୋଦ କୁମାର ଗୌଡ଼, ବିଡିଓ ମନ୍ମଥନାଥ ମଲ୍ଲିକ, କନ୍ଧମାଳ ସାଂସଦ ପ୍ରତିନିଧି ମହେନ୍ଦ୍ର ପଣ୍ଡା, ପୂର୍ବତନ ସାଂସଦ ପ୍ରତିନିଧି ବିପ୍ରଚରଣ ବାରିକ, ସିଡିପିଓ ଭି. ମଣିମାଳା, ଘୁମୁସର ଜିଲ୍ଲା ବିଜେପି ସଭାପତି ନୀଳମାଧବ ପାତ୍ର, ବିଧାୟକଙ୍କ ପ୍ରତିନିଧି ଫକୀର ମୋହନ ଜେନା, ବିପିଏମ୍ ବିବେକାନନ୍ଦ ମହାପାତ୍ର, ବିଏଲ୍‌ସି ବନମାଳୀ ସାହୁ ମଞ୍ଚାସୀନ ଥିଲେ। ଗୋଷ୍ଠୀ ବିନିଯୋଗ ପାଣ୍ଠି ତରଫରୁ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ଆକାରରେ ୧ ଲକ୍ଷ ଟଙ୍କା ଲେଖାଁଏ ଚେକ୍ ପ୍ରଦାନ କରାଯାଇଥିଲା।

## ପଣ୍ଡିତ ନୀଳକଣ୍ଠ ଦାଶଙ୍କ ଜୟନ୍ତୀ




ଛତ୍ରପୁର,୫ ।୮ (ସମିସ): ସ୍ଥାନୀୟ ପଣ୍ଡିତ ନୀଳକଣ୍ଠ ଉତ୍କଳ ଏକାଡେମୀ ମହାବିଦ୍ୟାଳୟ ପରିସରରେ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ୧୪୧ତମ ଜନ୍ମ ଜୟନ୍ତୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ରାଜେନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା, ଆଇନଜୀବୀ ପ୍ରଶାନ୍ତ କୁମାର ଶତପଥୀ ଓ ଶିକ୍ଷାବିତ ସୋମନାଥ ସାହୁ ଯୋଗଦେଇ ପଣ୍ଡିତ ନୀଳକଣ୍ଠ ଦାଶଙ୍କ ସ୍ମୃତିଚାରଣ କରିବା ସହିତ ଏକାଡେମୀ ପରିସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ କୁହାଯାଇଥିଲା। ଅଧ୍ୟାପକ ସୂର୍ଯ୍ୟ ନାରାୟଣ ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ● ଠିକଣା ପାଉନି ଡାକ ବିଭାଗ

## ନୂଆ ସଫ୍ଟୱେରରେ ତ୍ରୁଟି

ଭଞ୍ଜନଗର,୫ ।୮ (ସମିସ): ଡାକ ବିଭାଗ ଗ୍ରାହକଙ୍କୁ ଉନ୍ନତମାନର ସେବା ଯୋଗାଇବାକୁ ସୋମବାର ନୂଆ ସଫ୍ଟୱେର ଅପଡେଟ କରିଥିଲା। କିନ୍ତୁ ଅପଡେଟ୍ ପରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଫଳରେ ଚିଠି ପଠାଇବା କାର୍ଯ୍ୟ ସମ୍ପୂର୍ଣ ଅଚଳ ହୋଇପଡିଛି। ଏହିଭଳି ଭଞ୍ଜନଗର ମୁଖ୍ୟ ଡ଼ାକ ଘରେ ମଧ୍ୟ ରେଜିଷ୍ଟ୍ରି ଚିଠି ପଠାଯାଇ ପାରୁନାହିଁ। ଏଥିସହ ଆଉ କିଛି ସେବା ମଧ୍ୟ ପ୍ରଭାବିତ ହୋଇଛି। ବର୍ତ୍ତମାନ ରାକ୍ଷୀପୂର୍ଣ୍ଣିମା ପାଇଁ ବହୁ ଲୋକେ ରାକ୍ଷୀ ପଠାଇବାକୁ ଆସି ନିରାଶ ହୋଇ ଫେରୁଛନ୍ତି। ଏଥିସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଚିଠି ମଧ୍ୟ ଯାଇ ପାରୁନାହିଁ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅପରପକ୍ଷେ ସରକାର ସଫ୍ଟୱେର ଅପଡେଟ କିଭଳି ହେବ ପଦକ୍ଷେପ ନେଇଛନ୍ତି। କିନ୍ତୁ ସେବା କେବେ ସ୍ୱାଭାବିକ ହେବ ତାହାକୁ ନେଇ ଗ୍ରାହକ ଚାହିଁବସିଛନ୍ତି।

## ପୋଷ୍ୟ ସନ୍ତାନ ଓ ଶିଶୁ ଅଧିକାର କର୍ମଶାଳା

ଧରାକୋଟ,୫ ।୮ (ସମିସ): ଧରାକୋଟ ବ୍ଲକରେ ପୋଷ୍ୟ ସନ୍ତାନ ଓ ଶିଶୁ ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ, ଧରାକୋଟ ସିଡିପିଓ ସୁନୀଲପ୍ରଭା ରଥ, ମେଡିକାଲ ଅଧିକାରୀ ଡାକ୍ତର ଶଙ୍କର ନାରାୟଣ ବେହେରା, ଜିଲ୍ଲାର ପିଓଏନଆଇସି ସୁଶାନ୍ତ କୁମାର ସାହୁ, ଶିବ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ରହି ବ୍ଲକର ଶିଶୁମାନଙ୍କ ଅଧିକାର ସୁନିଶ୍ଚିତ କରିବା, ଶିଶୁ ମାନଙ୍କ ବଞ୍ଚିବା ଅଧିକାର, ସୁରକ୍ଷା ଅଧିକାର, ବିକାଶ ଅଧିକାର, ସହାଭାଗିତା ଅଧିକାର ଉପରେ ଆଲୋଚନା କରିଥିଲେ। ପୋଷ୍ୟ ମାତା ପିତା ଚୟନ କରି ଶିଶୁଙ୍କୁ ହସ୍ତାନ୍ତର ପାଇଁ ଥିବା ନୀତିନିୟମ ଉପରେ ବିଶେଷ ଭାବେ ଆଲୋଚନା କରାଯାଇଥିଲା। ସୁପରଭାଇଜର ରାଜଲକ୍ଷ୍ମୀ ମଣ୍ଡଳ, ସୁଶୀଳା ମଲ୍ଲିକ, ଲକ୍ଷ୍ମୀ ଦଳାଇ, ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ରମ୍ଭା ମଣ୍ଡଳ ସଭାପତି ଘନଶ୍ୟାମ



ରମ୍ଭା,୫ ।୮ (ସମିସ): ରମ୍ଭା ସହରାଞ୍ଚଳ ତଥା ମଣ୍ଡଳ ସଭାପତି ରୂପେ ଘନଶ୍ୟାମ ବେହେରାଙ୍କୁ ମନୋନୀତ କରାଯାଇଛି। ନବ ନିଯୁକ୍ତ ମଣ୍ଡଳ ସଭାପତି ଘନଶ୍ୟାମ ବେହେରା, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି। ତତ୍‌ସହିତ ଗଣମାଧ୍ୟମ ନିକଟରେ ନିଜର ମତ ରଖି ସହରରେ ବିକାଶ ସହିତ ତୃଣମୂଳ ସ୍ତରରେ ପହଞ୍ଚିବା ସହିତ ଦଳୀୟ ସଂଗଠନକୁ ସୁଦୃଢ କରିବା ଉଦ୍ୟମ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

## ତାମିଲନାଡୁରେ ଫସିଥିବା ୯ ଶ୍ରମିକ ଉଦ୍ଧାର



ଭଞ୍ଜନଗର,୫ ।୮ (ସମିସ): ଭଞ୍ଜନଗର ଏନ୍‌ଏସି ୧୦ନଂ ୱାର୍ଡ ଅନ୍ତର୍ଗତ ବଡ଼ ଖଦାଳ ସାହିର ଗୋଟିଏ ଛୋଟ ଶିଶୁ ସମେତ ୯ ଜଣ ପୁରୁଷ ଓ ମହିଳା ଶ୍ରମିକ ତାମିଲନାଡୁ କାମ କରିବାକୁ ଯାଇଥିଲେ। ଭଞ୍ଜନଗର ଅଞ୍ଚଳର ଜଣେ ମହିଳା ଦଲାଲଙ୍କ କଥାରେ ପଡ଼ି ସେମାନେ ସେଠାରେ ଫସି ଯାଇଥିଲେ। ତାମିଲନାଡୁ ନେଲାକୋଟ ଠାରେ ଥିବା ଏକ ବିସ୍କୁଟ କମ୍ପାନୀରେ ସମସ୍ତେ କାମ କରୁଥିଲେ। ହେଲେ ୪ମାସ କାମ କରିବା ପରେ ମଧ୍ୟ ସେମାନଙ୍କୁ କୌଣସି ପାରିଶ୍ରମିକ ନ ମିଳିବାରୁ ଦୁଃଖ କଷ୍ଟରେ ରହି ସେଠାରୁ ଉଦ୍ଧାର ପାଇଁ ସ୍ଥାନୀୟ କାଉନସିଲରଙ୍କୁ ଫୋନ ଯୋଗେ ଜଣାଇଥିଲେ। ଏ ଖବର ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଶୁଣିବା ପରେ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ଆଲୋଚନା କରିଥିଲେ। ଉଭୟେ ଯାଇ ଏସମ୍ପର୍କରେ ଗଞ୍ଜାମ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହାପରେ ଜିଲ୍ଲା ପ୍ରଶାସନର ଉଦ୍ୟମରେ ସମସ୍ତ ଶ୍ରମିକ ସୁରକ୍ଷିତ ଭାବେ ଭଞ୍ଜନଗର ଫେରିବାରେ ସକ୍ଷମ ହୋଇଛନ୍ତି। ତେଣୁ ଆଜି ସମସ୍ତେ ଭଞ୍ଜନଗର ବିଧାୟକ, ଏନଏସି ଅଧ୍ୟକ୍ଷ ଓ ଉପଜିଲ୍ଲାପାଳ ଙ୍କ ସମେତ ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ଅଭିଯୋଗ ଶୁଣାଣିକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

# ୨୩୮ ଅଭିଯୋଗ ଶୁଣିଲେ; ନିଜେ ପଞ୍ଜୀକରଣ କଲେ

ଛତ୍ରପୁର,୫ ।୮ (ସମିସ)



ଗଞ୍ଜାମ ଜିଲ୍ଲାପାଳ ଭାବେ ଭି. କୀର୍ତ୍ତି ଭାସନ ଦାୟିତ୍ୱ ଗ୍ରହଣ କଲା ପରେ ଲୋକଙ୍କ ଅଭିଯୋଗ ଗୁଡିକୁ ପ୍ରାଧାନ୍ୟ ଦେଇଛନ୍ତି। ଆଜି ଆଉ ପାଦେ ଆଗକୁ ଆସି ନିଜେ ଲୋକଙ୍କ ଅଭିଯୋଗ ଗୁଡିକ ଲାପ୍‌ଟପ୍ ମାଧ୍ୟମ ସେ ଅନ୍‌ଲାଇନରେ ପଞ୍ଜିକରଣ କରିଛନ୍ତି। ଏହା ସହ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକରଣ କରାଯାଇଛି। ଏଥିରେ ଲୋକଙ୍କ ଅଭିଯୋଗ ଗୁଡ଼ିକ ସିଧାସଳଖ ପଞ୍ଜୀକରଣ ହୋଇ ଟ୍ରାକ୍ ହୋଇପାରିବ ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ପାଖକୁ ଯାଇପାରିବ। ଯାହାଦ୍ୱାରା ଏହାର ସ୍ଥିତି ସମ୍ପର୍କରେ ଲୋକେ ନିଜେ ଅନଲାଇନରେ ଜାଣିପାରିବେ। ଏହା ସେ ପ୍ରଥମେ କୋରାପୁଟ ଜିଲ୍ଲାରେ ଜିଲ୍ଲାପାଳ ଥିବା ବେଳେ ଆରମ୍ଭ କରିଥିଲେ। ସେଠାରେ ସଫଳତା ମିଳିବା ପରେ ଗଞ୍ଜାମ ଜିଲ୍ଲାରେ ସୋମବାର ଆରମ୍ଭ କରିଛନ୍ତି ବୋଲି ଜିଲ୍ଲାପାଳ କହିଛନ୍ତି। ଚଳିତ ମାସର ଆଜି ପ୍ରଥମ ସୋମବାର ହୋଇଥିବାରୁ ସ୍ଥାନୀୟ ଜଉଗଡ଼ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଓ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ଯୋଗଦେଇ ଛତ୍ରପୁର ଉପଖଣ୍ଡ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା

**କୋରାପୁଟରେ ସଫଳତା ପରେ ଗଞ୍ଜାମରେ ଲାଗୁକଲେ**

୨୩୮ ଜଣଙ୍କ ଅଭିଯୋଗ ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୨୭ଟି ବ୍ୟକ୍ତିଗତ ହୋଇଥିବା ବେଳେ ୧୧ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ରାସନ କାର୍ଡ ସମେତ ବିଭିନ୍ନ ଅଭିଯୋଗ ଗୁଡିକ ଶୁଣାଣି କରାଯାଇଥିଲା। କେତକ ଅଭିଯୋଗ ଗୁଡିକର ସମାଧାନ ହୋଇଥିବା ବେଳେ ଅନ୍ୟାନ୍ୟ ଅଭିଯୋଗ ଗୁଡିକର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସୂଚନା ପାଇ ଯେଉଁ ଅଧିକାରୀମାନେ ଅନୁପସ୍ଥିତ ରହିଥିଲେ ସେମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ସ୍ୱତନ୍ତ୍ର ବିଦ୍ୟାଳୟର କେତକ ବିଦ୍ୟାର୍ଥୀଙ୍କ ବ୍ରେଲ ଶିକ୍ଷା ନିମନ୍ତେ ଆଧୁନିକ ଯନ୍ତ୍ର (ଆନି ସ୍ମାର୍ଟ ମେସିନ୍) ପ୍ରଦାନ କରାଯାଇଛି। ଏହା ସହିତ ୮ ଜଣଙ୍କୁ ୫୨ ହଜାର ୫୦୦ ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ବେହେରା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

